# ଅଭିଯୁକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ ଦାବି


ନିଯୁକ୍ତି ନାମରେ ଆର୍ଥିକ ଅନିୟମିତତା ଓ ଜାଲିଆତି ଅଭିଯୋଗ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଢେଙ୍କାନାଳ,୧୭।୩
(ରତନ ନାୟାର)

## ନିଯୁକ୍ତି ନାମରେ ଆର୍ଥିକ ଅନିୟମିତତା ଓ ଜାଲିଆତି ଅଭିଯୋଗ

ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଭୋକେଶନାଲ ଶିକ୍ଷାର ପରିଚାଳନା ଦାୟିତ୍ୱ ପାଇଥିବା ଆମିଗୋସ୍ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ୍ ସଂସ୍ଥା ଦ୍ୱାରା ନିଯୁକ୍ତି ନାମରେ ଆର୍ଥିକ ଅନିୟମିତତା ଓ ଜାଲିଆତି ହୋଇଥିବା ଢେଙ୍କାନାଳ ଯୁବ ସ୍ୱାଭିମାନ ମଞ୍ଚ ଅଭିଯୋଗ କରିଛି । ଏହି ଅଭିଯୋଗର ତଦନ୍ତ କରାଯିବା ସହ ଉକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ପାଇଁ ମଞ୍ଚ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଢେଙ୍କାନାଳ ଜିଲାରେ ଭୋକେଶନାଲ ଟ୍ରେନର ନିଯୁକ୍ତି ଦେବା ଆଳରେ ଜିଲାର ଅନେକ ଆଶାୟୀ ପ୍ରାର୍ଥୀଙ୍କଠାରୁ ସଂସ୍ଥା କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ଗ୍ରହଣ କରିଛନ୍ତି, ଯାହାର ପ୍ରମାଣ ରଖିଥିବା ମଞ୍ଚର ସଦସ୍ୟମାନେ ଜଣାଇଛନ୍ତି । ଓସେପା ଦ୍ୱାରା ଆଦୃତ ଟେଣ୍ଡର ପ୍ରକ୍ରିୟାରେ ଉତିର୍ଣ୍ଣ ହେବା ପାଇଁ ଉକ୍ତ ସଂସ୍ଥା ନକଲି କାଗଜପତ୍ର ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ଘଟଣାର ଏକ ଉଚ୍ଚସ୍ତରୀୟ ତ୍ୱରିତ ତଦନ୍ତ କରାଯିବା, ଉକ୍ତ ସଂସ୍ଥାକୁ ସମଗ୍ର ଓଡିଶାରେ କାର୍ଯ୍ୟ କରିବାରୁ ନିଷିଦ୍ଧ କରାଯିବା ସହ ତୁରନ୍ତ କଳା ତାଲିକାଭୁକ୍ତ କରାଯିବା, ଠକାମୀର ଶିକାର ହୋଇଥିବା ପ୍ରାର୍ଥୀମାନଙ୍କୁ ନ୍ୟାୟ ପ୍ରଦାନ କରାଯିବା ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଢେଙ୍କାନାଳ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଉପଦେଷ୍ଟା ସଞ୍ଜୀବ କୁମାର ପୃଷ୍ଟି, ଓମ୍ ପ୍ରକାଶ ନାୟକ, ଅଭିଜିତ ମହାପାତ୍ର, ସ୍ୱସ୍ତିସ୍ୱରୂପ, ଆଶୁତୋଷ କର, ଶକ୍ତି କବିଶତପଥୀ, ପୂର୍ଣ୍ଣଚନ୍ଦ୍ର ବରାଳ, ନୀଳକଣ୍ଠ ନାୟକ, ତୁଷାର ଦାସ, ଜିତୁ ଶତପଥୀ, ଚକ୍ରଧର ଦାସ, ରୁଦ୍ର ପତି, ଓମ୍ ପ୍ରକାଶ ସେଠୀ, ଭଗବାନ ମଲ୍ଲିକ, ଅନୁପମ ସାହୁ ଓ ପାପୁନା ତରେଇ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

ଏ ସଂକ୍ରାନ୍ତରେ ମଞ୍ଚ ପକ୍ଷରୁ ୧୫.୨.୨୦୨୬ରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ମଧ୍ୟ ଅଭିଯୋଗ କରାଯାଇଥିଲା । ଅଭିଯୋଗ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖି ଆମିଗସ୍ ସଲ୍ୟୁଶନ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ରାହୁଲ ଅଗ୍ରୱାଲ କହିଛନ୍ତି, ଏହି ଅଭିଯୋଗରେ କୌଣସି ସତ୍ୟତା ନାହିଁ। ଏ ବିଷୟରେ ମୁଁ କିଛି କହିବା ପାଇଁ ଚାହୁଁନାହିଁ ବୋଲି କହି ସେ ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି।

# ହାତୀ ଦଳିଦେଲା, ବଞ୍ଚିଗଲେ ବିଦ୍ୟାଧର

ଢେଙ୍କାନାଳ,୧୭।୩
(ରତନ ନାୟାର)


ହାତୀ ପାଦତଳେ ବିଦ୍ୟାଧର।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଆହତ ବିଦ୍ୟାଧର।

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ଥିବା ସ୍ପିନିଙ୍ଗ ମିଲ ନିକଟରେ ମଙ୍ଗଳବାର ଅପରାହ୍ନରେ ହାତୀ ହାବୁଡ଼ରେ ପଡ଼ିଥିଲେ ନିକଟସ୍ଥ ସିଆରିଆ ଖୁଣ୍ଟକଟା ଗ୍ରାମର ବିଦ୍ୟାଧର ବେହେରା(୪୭) । ହାତୀ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ତଳେ ପକାଇ ପାଦରେ ଦଳି ଦେଇଥିଲା। ସୌଭାଗ୍ୟବଶତଃ ବଞ୍ଚିଗଲେ ବିଦ୍ୟାଧର। ତାଙ୍କୁ ଆହତ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କର ଡାହାଣ କାନ୍ଧ ଓ ଗୋଡରେ କ୍ଷତ ସୃଷ୍ଟି ହୋଇଥିବା ଜଣାପଡିଛି ।

ବିଦ୍ୟାଧର କହିଛନ୍ତି, ସେ ଝିଅକୁ ଗୋବିନ୍ଦପୁରଠାରେ ଟିଉଶନରେ ଛାଡ଼ି ବାଇକ୍ ଯୋଗେ ଫେରୁଥିଲେ। ବାଟରେ ୪ଟି ହାତୀ ଉପଦ୍ରବ କରୁଥିବାରୁ ଲୋକମାନେ ଏହା ଦେଖୁଥିବା ବେଳେ ସେ ମଧ୍ୟ ଅଟକି ଯାଇଥିଲେ । ୨ଟି ଛୁଆ ହାତୀ ଓ ୨ଟି ବଡ଼ହାତୀ ଥିଲେ। ଗୋଟିଏ ବଡହାତୀ ତାଙ୍କୁ ହଠାତ୍ ଅତର୍କିତ ଭାବରେ ଗୋଡ଼ାଇ ଗୋଡ଼ାଇ ତାଙ୍କୁ ତଳେ ପକାଇ ପଛପାଦରେ ଦଳି ପକାଇଥିଲା । ସେହି ସମୟରେ ହାତୀଛୁଆ ଅନ୍ୟ ଆଡ଼କୁ ପଳାଇବାରୁ ଲୋକମାନେ ପାଟି କରିଥିଲେ। ବଡ଼ହାତୀଟି ନିଜ ଛୁଆ ପାଖକୁ ଦୌଡ଼ି ପଳାଇ ଯିବାରୁ ବିଦ୍ୟାଧର ବଞ୍ଚି ଯାଇଥିଲେ । ସେ ନିଜେ ଉଠିବା ପରେ ଲୋକମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିଛି ଲୋକ ଏହି ଦୃଶ୍ୟକୁ ମୋବାଇଲରେ ମଧ୍ୟ ରେକର୍ଡିଂ କରିବା ସହିତ ଫଟୋ ଉଠାଇଥିଲେ। ଉକ୍ତ ଅଞ୍ଚଳରେ ୪ ହାତୀ ଥିବାରୁ ଗୋବିନ୍ଦପୁର, ତାଳବରକୋଟ ଓ ସିଆରିଆ ଗ୍ରାମକୁ ଯାଇଥିବା ରାସ୍ତାରେ ଚଳପ୍ରଚଳ ବନ୍ଦ ହୋଇଯାଇଛି ।

# ପାନୀୟଜଳ ପାଇଁ ବିଡିଓଙ୍କୁ ଅଭିଯୋଗ




ପରଜଙ୍ଗ,୧୭।୩
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ସରାଙ୍ଗ ଗ୍ରାମପଞ୍ଚାୟତ ଶବର ସାହି ଓ ଦଳିତ ବସ୍ତିରେ ଉତ୍କଟ ପାନୀୟଜଳ ସମସ୍ୟା ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାନୀୟଜଳ ସମସ୍ୟାର ସମାଧାନ ପାଇଁ ଉଭୟ ସାହିର ମହିଳା ପରଜଙ୍ଗ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରାଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରି ସମାଧାନ ପାଇଁ ଅନୁରୋଧ କରିଛନ୍ତି। ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ବର୍ତ୍ତମାନ ତାପମାତ୍ରା ବଢୁଥିବାରୁ ବସ୍ତିରେ ଥିବା କୂଅ ଓ ନଳକୂପରୁ ବାହାରୁଥିବା ପାଣି ପିଇବା ଉପଯୋଗୀ ହୋଇପାରୁନାହିଁ। ତାଳଚେରର ଅପରପାର୍ଶ୍ୱ ବ୍ରାହ୍ମଣୀ ନଦୀ କୂଳରେ ସରାଙ୍ଗ ଗ୍ରାମ ରହିଛି। ତେଣୁ ତାଳଚେର ଖଣି ଖାଦାନ ଯୋଗୁ ଅଞ୍ଚଳରେ ପାରଦ ମଧ୍ୟ ସମାନ। ସେଥିରେ ପୁଣି ପାନୀୟ ଜଳ ସମସ୍ୟା। ଶବର ସାହି ଓ ଦଳିତ ବସ୍ତି ବାସିନ୍ଦା ଦୀର୍ଘ ୨ ବର୍ଷ ହେବ ପାନୀୟଜଳ ଯୋଗାଣ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ହେଁ ଯନ୍ତ୍ରୀ କୌଣସି ସମାଧାନ କିମ୍ବା କର୍ଣ୍ଣପାତ କରୁ ନଥିବା ପ୍ରକାଶ କରିଛନ୍ତି ବସ୍ତିବାସିନ୍ଦା। ବର୍ତ୍ତମାନ ମାର୍ଚ୍ଚ ମାସ ସରିଲାଣି, ଆଗକୁ ତାପମାତ୍ରା ଆହୁରି ବଢ଼ିବ। ଏବେଠାରୁ ଯଥାଶୀଘ୍ର ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ସାହି ବସ୍ତିର ମହିଳା ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ବିଡିଓ ବେହେରା ପ୍ରତିଶ୍ରୁତି ଦେଇଛନ୍ତି ।

# ମହିଳା ଦିବସରେ ସାମାଜିକ କର୍ମୀ ସମ୍ବର୍ଦ୍ଧିତ

ଢେଙ୍କାନାଳ,୧୭।୩
(ରତନ ନାୟାର)



ସମ୍ବର୍ଦ୍ଧିତ ହେବା ଅବସରରେ ସାମାଜିକ କର୍ମୀ ଲିନା।

ଢେଙ୍କାନାଳ ଜିଲା ସଦର ବ୍ଲକ ମଙ୍ଗଳପୁର ଗ୍ରାମପଞ୍ଚାୟତ ସରପଞ୍ଚ ତଥା ସାମାଜିକ କର୍ମୀ ଲିନା ଦାସଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସମ୍ବର୍ଦ୍ଧିତ କରାଯାଇଛି । ଭୁବନେଶ୍ୱର ସତ୍ୟନଗରସ୍ଥିତ ଲେଡିଜ୍ ଫୋରମ୍ ପକ୍ଷରୁ ଅଭିରୁଚି ନାରୀ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ତାଙ୍କୁ ରବିବାର ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସମ୍ବର୍ଦ୍ଧନା ପ୍ରଦାନ ଅବସରରେ ବରିଷ୍ଠ ନେତା ମହମ୍ମଦ ମୋକିମ, ଇତିରାଣୀ ସାମନ୍ତ ଓ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ଫୋରମର କର୍ମକର୍ତ୍ତା ଉପସ୍ଥିତ ଥିଲେ । ସରପଞ୍ଚ ଲିନା ଦାସ ମହିଳା ପ୍ରତିନିଧି ହିସାବରେ ମହିଳାମାନଙ୍କ ନିମନ୍ତେ ଅନେକ ବିକାଶମୂଳକ କାର୍ଯ୍ୟ ଜାରି ରଖିଛନ୍ତି । ମହିଳା ପ୍ରତିନିଧି ଭାବେ ଅନେକ ରାଜ୍ୟ ଓ ଜାତୀୟସ୍ତର କର୍ମଶାଳାରେ ଭାଗନେଇ ପ୍ରଶଂସିତ ହୋଇଛନ୍ତି।ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବାଇକ୍‌ରୁ ପଡ଼ି ୨ ଆହତ

ଗଁଦିଆ,୧୭।୩(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ରାସ୍ତାର ସାପୁଆଝରେ ପୋଲ ନିକଟରେ ଏକ ଦୁର୍ଘଟଣା ଘଟି ବିସିଆ ନାୟକ( ୪୦) ଓ ତାଙ୍କ ସ୍ତ୍ରୀ ହୀରା ନାୟକ(୩୫) ଆହତ ହୋଇଛନ୍ତି । ଉଭୟେ ଦେଓଗାଁରୁ ଚିତ୍ତଲପୁର ଅଭିମୁଖେ ବାଇକରେ ଯାଉଥିବା ବେଳେ ବୁଲାଣି ରାସ୍ତା ଥିବାରୁ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସ୍ୱାମୀ ବିସିଆ ସାମାନ୍ୟ ଆହତ ହୋଇଥିବା ବେଳେ ସ୍ତ୍ରୀ ହୀରା ଗୁରୁତର ହୋଇଥିଲେ । ଗଁଦିଆ ଅଗ୍ନିଶମ ବିଭାଗ ଖବର ପାଇ ସେମାନଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସାପୁଆଝରଠାରେ ବୁଲାଣି ରାସ୍ତା ଥିବାରୁ ଅନେକ ଦୁର୍ଘଟଣା ଘଟୁଛି । ବୁଲାଣି ରାସ୍ତାକୁ ଓସାରିଆ କରି ସଳଖ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୧୬୭ ପଞ୍ଜୀକୃତ

କାମାକ୍ଷାନଗର,୧୭।୩
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ପକ୍ଷରୁ ମଙ୍ଗଳବାର ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲକଲ୍ୟାଣ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, କାମାକ୍ଷାନଗର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ କଅଁର ଉପସ୍ଥିତ ଥିଲେ। ଶିବିରରେ କାମାକ୍ଷାନଗର ବ୍ଲକ ଓ ଏନ୍‌ଏସିର ୧୬୭ ଜଣ ନାମ ପଞ୍ଜୀକରଣ କରିଥିଲେ। ସେଥିରେ ଅସ୍ଥିଶଲ୍ୟ ବିଭାଗରେ ୬୩, ମାନସିକ ବିଭାଗରେ ୩୭, ଦୃଷ୍ଟିବାଧିତରେ ୨୯, ଶ୍ରବଣ ବାଧିତରେ ୧୯ ଓ ଅନ୍ୟାନ୍ୟ ବିଭାଗରେ ୧୯ ଜଣ ଆବେଦନ କରିଥିଲେ। ଶିବିରରେ କାମାକ୍ଷାନଗର ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବିଶ୍ୱ ମୋଟାପା ଦିବସ ପାଳିତ



ଓଡ଼ାପଡ଼ା,୧୭।୩ (ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ ସ୍ଥିତ ଲାୟନ୍ସ ଇଣ୍ଟରନେଶ୍ନାଲ ବିଦ୍ୟାଳୟଠାରେ ବିଶ୍ୱ ମୋଟାପା ଦିବସ ପାଳିତ ହୋଇଯାଇଛି। ଭାରତୀୟ ମଧୁମେହ ଅଧ୍ୟୟନ ଗବେଷଣା ସମିତି (ଆର୍‌ଏସ୍‌ଏସ୍‌ଡିଆଇ) ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ସୌମ୍ୟ ରଞ୍ଜନ ମହାନ୍ତି ଯୋଗଦେଇ ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଆଲୋକପାତ କରିବା ସହ ଏହାର ନିରାକରଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରାଇବା ପାଇଁ ଭାରତୀୟ ମଧୁମେହ ଅଧ୍ୟୟନ ଗବେଷଣା ସମିତି ଉଦ୍ୟମ ଜାରି ରଖିଥିବା କହିଥିଲେ। ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ପ୍ରଥମେ ମୋଟାପାକୁ କିପରି କମାଇ ହେବ ସେ ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଫଟୋ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ଦୀଲିପ କୁମାର ମହାନ୍ତି ପରିଚାଳନା କରୁଥିଲେ। ହିନ୍ଦୋଳ ରୋଡସ୍ଥିତ ରାନୀ ମେଡିସିନ ଷ୍ଟୋର କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସ୍ୱାଇଁ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ଶ୍ରୀରାମ ଚରିତ ମାନସ ପାରାୟଣ

ଓଡ଼ାପଡ଼ା,୧୭।୩,(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣଦେଇ ପଞ୍ଚାୟତ ଅନ୍ତର୍ଗତ ବେଲପଡ଼ା ଗ୍ରାମରେ ୩୮ ତମ ଶ୍ରୀରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗତ ୭ ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ୮ ଦିନ ଅଧିବାସ ଓ ଯଜ୍ଞାନୁଷ୍ଠାନ ଆରମ୍ଭ କରାଯାଇଥିଲା। ଯଜ୍ଞରେ କର୍ତ୍ତା ଭାବେ ଅଶୋକ ବରାଳ ଓ ତାଙ୍କ ସ୍ତ୍ରୀ ଯୋଗଦେଇଥିଲେ। ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ ପରେ ପଣ୍ଡିତଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧୁ ଗୋବିନ୍ଦ ଚରଣ ଦାସଜୀ ମହାରାଜ ଯୋଗଦେଇଥିଲେ। ସୋମବାର ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଗ୍ରାମବାସୀ ଏକ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ନେଇ ନଗର କୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ଦିବ୍ୟସିଂହ ବରାଳ ପରିଚାଳନା କରୁଥିଲେ। ବିଜୟ ବରାଳ, ପ୍ରସନ୍ନ ବରାଳ, ଶକ୍ତି ବରାଳ, ସୁରେଶ ନାୟକ, ସଞ୍ଜୟ ସ୍ୱାଇଁ, ବ୍ରହ୍ମାନନ୍ଦ ନାୟକ ଓ ଲକ୍ଷ୍ମୀଧର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଗ୍ରାମବାସୀ ପ୍ରସାଦ ସେବନ କରିଥିଲେ।

# ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଭୁବନ,୧୭।୩(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ପୋଥାଳ ସାହିଠାରେ ଦୀର୍ଘ ୫ ଦିନ ଧରି ଚାଲିଥିବା ୨୪ ପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ନାମଯଜ୍ଞରେ ଶୁକ୍ରବାର ଅଧିବାସ ଓ କଳସ ଯାତ୍ରା, ଶନିବାର ଓ ରବିବାର ନାମଯଜ୍ଞ ସହ ସୋମବାର ମହା ନାମଯଜ୍ଞ ଓ ପ୍ରସାଦ ସେବନ କରାଯାଇଥିଲା । ଢେଙ୍କାନାଳ, ଅନୁଗୋଳ, ଯାଜପୁର, କଟକ ଓ ପୁରୀର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ । ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଆଳତି ଦର୍ଶନ ପାଇଁ ବହୁ ହଜାର ଶ୍ରଦ୍ଧାଳୁ ସମାଗମ ହୋଇଥିଲେ । ମଙ୍ଗଳବାର ପୂର୍ଣ୍ଣାହୁତି ପରେ ନଗର ସଂକୀର୍ତ୍ତନ କରାଯାଇଥିଲା। ଅପରାହ୍ନରେ ଅଞ୍ଚଳବାସୀ ରାଧାକ୍ରିଷ୍ଣଙ୍କ ଚଳନ୍ତି ପ୍ରତିମାଙ୍କୁ ନେଇ ସହର ପରିକ୍ରମାରେ ସାମିଲ



ହୋଇଥିଲେ । ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇ ବାଜାବାଣ ଓ ରୋଶଣିରେ ଗ୍ରାମ ଉତ୍ସବମୁଖର ହୋଇଥିଲା । ଏହି ଯଜ୍ଞକୁ ପୋଥାଳ ସାହିର ସଭାପତି ନରୋତ୍ତମ ସାହୁ, ସଂକୀର୍ତ୍ତନ ମୁଖ୍ୟ ଗୌରାଙ୍ଗ ଚରଣ ଗୁରୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଆୟୋଜନ କରିବା ସହିତ ସହଯୋଗ କରିଥିଲେ ।

# ନିର୍ମାଣକୁ ବର୍ଷେ ବିତିଲାଣି, କାର୍ଯ୍ୟକାରୀ ହୋଇନି ଆହାର କେନ୍ଦ୍ର

ପରଜଙ୍ଗ,୧୭।୩
(ନିଗମାନନ୍ଦ ଦଳବେହେରା)




ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରେ ଗରିବ ଅସହାୟଙ୍କୁ ସୁଲଭ ମୂଲ୍ୟରେ ଆହାର ଯୋଗାଇଦେବା ଲକ୍ଷ୍ୟନେଇ ଗତ ବର୍ଷ ଆହାର କେନ୍ଦ୍ର ନିର୍ମାଣ କାର୍ଯ୍ୟ ସାରି ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନଥିବା ହୋଇଛି। ରାଜ୍ୟରେ ଶତାଧିକ ଆହାର କେନ୍ଦ୍ର ଖୋଲା ଯାଇଥିବାବେଳେ ପରଜଙ୍ଗ ବ୍ଲକ୍‌କୁ ଉପେକ୍ଷା କରାଯାଇଥିବା ଅଭିଯୋଗ କରିଛନ୍ତି ଜିଲାପରିଷଦ ସଭ୍ୟ ନିରାକାର ପ୍ରଧାନ। ସୂଚନା ଅନୁଯାୟୀ, ସାରା ରାଜ୍ୟରେ ୧ ଏପ୍ରିଲ ୨୦୧୫ରେ ଆରମ୍ଭ ହୋଇ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହେଉଛି ଆହାର କେନ୍ଦ୍ର। କିନ୍ତୁ ପରଜଙ୍ଗ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ନ ଥିବାରୁ ଗରିବ ଲୋକେ ହଇରାଣ ହେଉଛନ୍ତି । ଏହି ବ୍ଲକ୍‌ରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଥାନା, ବ୍ଲକ, କୃଷି କାର୍ଯ୍ୟାଳୟ, ତହସିଲ, ଡାକ୍ତରଖାନା, ସବ୍‌ରେଜିଷ୍ଟର କାର୍ଯ୍ୟାଳୟ, ବିଦ୍ୟୁତ୍ ଅଫିସ ଠାରୁ ଆରମ୍ଭ କରି ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି ବ୍ଲକ ସଦର ମହକୁମାକୁ ପ୍ରାୟ ୩୦ କି.ମି. ଦୂରରୁ ଗରିବ ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥାନ୍ତି। ତେବେ ଅଧିକ ଅର୍ଥ ଦେଇ ହୋଟେଲରେ ଖାଇବାକୁ ସମ୍ବଳ ନଥିବାରୁ କେତେକ ଲୋକ ଉପାସରେ ଘରକୁ ଫେରୁଛନ୍ତି। ଦୈନିକ ଶତାଧିକ ଲୋକ ମେଡିକାଲକୁ ଆସୁଥିବାରୁ ରୋଗୀଙ୍କ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ଲକ ପ୍ରଶାସନ ଅଧିନରେ ଚାଲିଥିବା ମିଶନ ଶକ୍ତି କାଫେରେ ଅଧିକା ଦାମ ପାଇଁ ଗରିବ ଲୋକଟିଏ ଖାଦ୍ୟ ଗଣ୍ଡେ ଖାଇ ପାରୁନାହାଁନ୍ତି। ବ୍ଲକ ମୁଖ୍ୟାଳୟକୁ ଦୈନିକ ୨୯ ଟି ପଞ୍ଚାୟତରୁ ଲୋକ ଆସିଥାନ୍ତି। ଯଦି ରାଜ୍ୟ ସରକାର ତୁରନ୍ତ ପରଜଙ୍ଗ ଆହାର କେନ୍ଦ୍ରକୁ କାର୍ଯ୍ୟକାରି କରନ୍ତି ତେବେ ଗରିବ ଲୋକ ଉପକୃତ ହୋଇପାରନ୍ତେ ବୋଲି ଜିଲାପରିଷଦ ସଭ୍ୟ ପ୍ରଧାନ ସୂଚନା ଦେଇଛନ୍ତି । ଏଥିପ୍ରତି ସ୍ଥାନୀୟ ବିଧାୟକ, ଜିଲାପାଳ ଦୃଷ୍ଟିଦେବାକୁ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସମେତ ସଚେତନ ନାଗରିକ ପକ୍ଷରୁ ଦାବି ହୋଇଛି ।

# ପରିତ୍ୟକ୍ତ ଅବସ୍ଥାରେ ରଗଡ଼ି ନାଳ

ଭୁବନ,୧୭।୩
(ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ପୂର୍ବ ଦିଗରେ ବହିଯାଇଛି ବ୍ରାହ୍ମଣୀ ନଦୀର ଶାଖା ରଗଡ଼ି ନାଳ। ଉକ୍ତ ନାଳ ଏବେ ପୋତି ହୋଇ ଯାଇଥିବାରୁ ଏହାର ପୁନରୁଦ୍ଧାର ପାଇଁ ସାଧାରଣରେ ଦାବି ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ନାଳ ଉପରେ ଭୁବନ ଏନ୍‌ଏସିର ୧୦ ଟି ୱାର୍ଡର ଲୋକ ନିର୍ଭର କରିଥାନ୍ତି । ଲୋକମାନେ ଶୌଚ, ବିଭିନ୍ନ ଚାଷ ଓ ଖରାଦିନ ଆସିଲେ ଗୃହପାଳିତ ପଶୁ ଏହି ନାଳ ପାଣିକୁ ପାନୀୟଜଳ ଭାବେ ବ୍ୟବହାର କରିଥାନ୍ତି। ଅନେକ ବର୍ଷ ହେବ ବ୍ରାହ୍ମଣୀ ନଦୀର ସ୍ରୋତ କମିଯିବା ସହ ରଗଡ଼ି ନାଳରେ ପାଣି ଆସିବା ବନ୍ଦ ହୋଇଯାଇଛି। ନାଳରେ ନାଗଦଳ ଭରପୁର ହୋଇ ଦିନକୁ ଦିନ ନାଳଟି ପୋତି ହୋଇଗଲାଣି। ତେବେ ଅଞ୍ଚଳବାସୀଙ୍କ ସମେତ ଗୋରୁଗାଈଙ୍କ ପାଇଁ ପାନୀୟ ଜଳ ଓ ଚାଷୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସବୁ ସମସ୍ୟାକୁ ନେଇ ଲୋକେ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭକରି ଲୋକପ୍ରତିନିଧିଙ୍କୁ ଅଭିଯୋଗ କରିବା ପରେ ଏହାର ପ୍ରତିକାର ପାଇଁ ପଦକ୍ଷେପ ନିଆଯାଇଥିଲା। ପୂର୍ବ ସରକାର ସମୟରେ ନାଳରୁ ପଙ୍କ ଉଦ୍ଧାର ସହ ନାଗଦଳ ସଫା ଓ ଉନ୍ନତି ପାଇଁ ୧ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ ବରାଦ ପରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ନାଳରୁ ନାଗଦଳ ସଫା କରାଯିବା ସହ ନାଳ ଉପରେ ଏକ ଗାର୍ଡୱାଲ ନିର୍ମାଣ କରାଯାଇଥିଲା । କାର୍ଯ୍ୟ ସମୟରେ ନାଳଟି କେତେକ

## ଫେଲ୍ ମାରିଲା କ୍ଷୁଦ୍ରଜଳସେଚନ ବିଭାଗର ପୁନରୁଦ୍ଧାର ଦାୟିତ୍ୱ

ଲୋକଙ୍କ ନାମରେ ରେକର୍ଡ ଥିବାରୁ କାର୍ଯ୍ୟ ଅଧାରୁ ବନ୍ଦ ହୋଇଥିଲା। ସ୍ଥାନୀୟ ଲୋକେ ଅସହଯୋଗ କରିବାରୁ ୭୦ ଲକ୍ଷ ଟଙ୍କାର କାର୍ଯ୍ୟ ସରିଥିଲା । ବାରମ୍ବାର କାର୍ଯ୍ୟ ଉପରେ ଅଭିଯୋଗ ପରେ ଠିକାଦାର କାର୍ଯ୍ୟ ବନ୍ଦ କରି ପଳାଇ ଯାଇଥିଲେ। ଏନେଇ କାମାକ୍ଷାନଗରର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଦୀଲୀପ କୁମାର ଦାସ କହିଛନ୍ତି, ଖରାଦିନ ଆସିବାରୁ ଅଞ୍ଚଳବାସୀ ନାଳ ଉପରେ ନିର୍ଭର କରି ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନାଳର ପୁନରୁଦ୍ଧାର ସହିତ ଅଞ୍ଚଳର ସମସ୍ୟା ଦୂର ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ, ଜିଲାପାଳ ଓ ସ୍ଥାନୀୟ ବିଧାୟକ ଗୁରୁତ୍ୱ ଦେବାପାଇଁ ଦାବି ହୋଇଛି।

# ଚଳିତ ବର୍ଷର ଆକର୍ଷଣ 'ଦେବ ଦାନବ ମହାସଂଗ୍ରାମ'

## ଗୁରଙ୍ଗ ଗ୍ରାମରେ ଦଣ୍ଡଯାତ୍ରା ପ୍ରସ୍ତୁତି ବୈଠକ

ଅନୁଗୋଳ,୧୭।୩ (ଦିବ୍ୟଶାନ୍ତନୁ ନାଥ)







ଅନୁଗୋଳ ବ୍ଲକ ଅନ୍ତର୍ଗତ ଗୁରଙ୍ଗ ଗ୍ରାମରେ ଚଳିତ ବର୍ଷର ପ୍ରସିଦ୍ଧ ଦଣ୍ଡଯାତ୍ରା ବା ଝାମୁଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମରେ ଏକ ଭବ୍ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଞ୍ଚଳର ଆରାଧ୍ୟା ଦେବୀ ମା' ପାଞ୍ଚଖଣ୍ଡାଙ୍କ ଝାମୁଯାତ୍ରାକୁ ଅତି ଶ୍ରଦ୍ଧା ଓ ଧୁମଧାମରେ ପାଳନ କରିବା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।

ଗୁରଙ୍ଗ ଦଣ୍ଡ ନୃତ୍ୟ କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଯାତ୍ରାରେ କିଛି ନୂଆ କରିବା ପାଇଁ କମିଟି ନିଷ୍ପତ୍ତି ନେଇଛି। ଏହି କ୍ରମରେ ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ସାଜିବ ଗୀତିନାଟ୍ୟ 'ଦେବ ଦାନବ ମହାସଂଗ୍ରାମ'। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ନାଟକକୁ ଅତ୍ୟାଧୁନିକ କଳା କୌଶଳ ଓ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ନିକଟରେ ପହଞ୍ଚାଇବାକୁ କମିଟି ଲକ୍ଷ୍ୟ ରଖିଛି। ଏହି ପ୍ରସ୍ତୁତି ସମ୍ପର୍କରେ ଗ୍ରାମର ସଭାପତି ବିଷ୍ଣୁ ନାଏକ କହିଛନ୍ତି ଯେ, ମା' ପାଞ୍ଚଖଣ୍ଡାଙ୍କ ଅପାର କୃପାରୁ ପ୍ରତିବର୍ଷ ଏହି ଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଥାଏ। ଚଳିତ ବର୍ଷ ମଧ୍ୟ ମା'ଙ୍କ ଆଶୀର୍ବାଦରୁ ଝାମୁଯାତ୍ରା ଅଧିକ ଧୁମଧାମରେ ଅନୁଷ୍ଠିତ ହେବ। ସେହିପରି ପରିଚାଳନା କମିଟିର ମୁଖ୍ୟ ପ୍ରଦୀପ ନାଏକ କହିଛନ୍ତି, ଗୁରଙ୍ଗ ଗ୍ରାମର ଝାମୁଯାତ୍ରା ଅଞ୍ଚଳରେ ବେଶ ଜଣାଶୁଣା। ଚଳିତ ବର୍ଷ ଆମେ ପ୍ରସ୍ତୁତ କରିଥିବା ଗୀତିନାଟ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନକୁ ବେଶ ଛୁଇଁବ ବୋଲି ଆମର ଆଶା ଓ ବିଶ୍ୱାସ ରହିଛି। ଶାନ୍ତିଶୃଙ୍ଖଳାର ସହ ଯାତ୍ରା ସମାପନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ବୈଠକରେ ସନ୍ତୋଷ ନାଏକ, ସରୋଜ କୁମାର ନାଏକ, ଶିବୁ ନାଏକ, ଅଜୁ ନାଏକ, ଅଜୟ ନାଏକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

ଅନୁଗୋଳ, ୧୭।୩ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲାସ୍ତରୀୟ ଓଡିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନରେ ଜିଲା ଜଳ ପରିମଳ ସମ୍ମିଳନୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ମୁତାବକ ଓଡିଶା ଦିବସ ଦିନ ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇ ସହର ପରିକ୍ରମା କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତଫେରୀ କରାଯିବ। ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ମୁଖ୍ୟ ଅତିଥି ଓ ଜିଲାପାଳଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ଓଡିଶା ଦିବସ ଉପଲକ୍ଷେ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ସେହିପରି ରକ୍ତଭଣ୍ଡାରଠାରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ସନ୍ଧ୍ୟାରେ ସ୍ଥାନୀୟ ସଭାଘରଠାରେ ସାଧାରଣ ସଭା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ପରେ ଜିଲା ସଂସ୍କୃତି ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ନିମନ୍ତେ ଜିଲାର ସମସ୍ତ ସରକାରୀ, ବେସରକାରୀ, ଶିଳ୍ପ ସଂସ୍ଥା, ବ୍ୟାଙ୍କ ଓ ବ୍ୟବସାୟ ପ୍ରତିଷ୍ଠାନର ଗୃହଗୁଡିକରେ ମାର୍ଚ୍ଚ ୩୧ ଓ ଏପ୍ରିଲ ୧ରେ ନିଜ ନିଜ ବିଭାଗ ଦ୍ୱାରା ଆଲୋକମାଳା ସଜାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମହାଳିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

# ନୂତନ ପଞ୍ଚାୟତ ଗଠନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ

ତାଳଚେର, ୧୭।୩ (ମନୋଜ ନନ୍ଦ)



ତାଳଚେର ବ୍ଲକ ଅନ୍ତର୍ଗତ ନୂଆପଡା, ଦିଘି, ବଙ୍ଗୁ, ଆନନ୍ଦବଜାର ଏବଂ ଏନଟିପିସି/ଟିଟିପିଏସ୍ କଲୋନିବାସୀଙ୍କୁ ନେଇ ଏକ ନୂତନ ପଞ୍ଚାୟତ ଗଠନ ପାଇଁ ରାଜ୍ୟ ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ମନ୍ତ୍ରୀ ନାଏକ ତାଳଚେର ଗସ୍ତରେ ଆସିଥିଲେ। ଏହି ଅବସରରେ ଦେଉଳବେଡା ତେଲିସାହିଠାରେ ନୂଆପଡ଼ା ଗ୍ରାମ କମିଟି ସଭାପତି ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ମନ୍ତ୍ରୀ ନାଏକଙ୍କୁ ସାକ୍ଷାତ କରି ନୂତନ ପଞ୍ଚାୟତ ଗଠନ ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ଏହି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ନୂଆପଡ଼ା ଗ୍ରାମବାସୀ ସନ୍ଥପଡା ଗ୍ରାମ ପଞ୍ଚାୟତରେ ଅନ୍ତର୍ଭୁକ୍ତ। ଗ୍ରାମଠାରୁ ପଞ୍ଚାୟତ କାର୍ଯ୍ୟାଳୟ ୩ କିଲୋମିଟରରୁ ଅଧିକ। ଜାତୀୟ ରାଜପଥ ଅତିକ୍ରମ କରି ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯିବା ଅସମ୍ଭବ ହୋଇପଡିଛି। ସେହିପରି ବଙ୍ଗୁ ଗ୍ରାମର ପଞ୍ଚାୟତ ଅଫିସ୍ ବନ୍ତୋଲ ଗ୍ରାମରେ ଅବସ୍ଥିତ ଥିବାରୁ ଗ୍ରାମବାସୀ ଯିବାକୁ ହେଲେ ଦୁଇଟି ରେଳ ଲାଇନ୍ ଅତିକ୍ରମ କରି ଯିବାକୁ ପଡୁଛି। ସେହିପରି ଦିଘି ଗ୍ରାମର ପଞ୍ଚାୟତ ଅଫିସ୍ ଜଗନ୍ନାଥପୁର ଗ୍ରାମରେ ଥିବାରୁ ୪ କିଲୋମିଟରରୁ ଊର୍ଦ୍ଧ୍ୱ ଯିବାକୁ ପଡୁଛି। ନୂଆପଡା, ବଙ୍ଗୁ ଏବଂ ଦିଘି ଗ୍ରାମର ଆଖପାଖରେ ବହୁତ କଲୋନୀ ଗଠିତ ହୋଇଥିବାରୁ ସେଠାରେ ମଧ୍ୟ ବହୁ ଲୋକ ବସବାସ କରୁଛନ୍ତି। ନୂଆପଡ଼ା ଗ୍ରାମ ୩ଟି ଗ୍ରାମର ମଧ୍ୟ ସ୍ଥଳରେ ଅବସ୍ଥିତ। ଏହି ତିନୋଟି ଗ୍ରାମ ଓ କଲୋନୀର ଲୋକସଂଖ୍ୟା ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ହେବ। ନୂଆପଡା ଗ୍ରାମଠାରେ ଗୋଟିଏ ନୂତନ ପଞ୍ଚାୟତ ସ୍ଥାପନ କଲେ ଏ ଅଞ୍ଚଳରେ ରହୁଥିବା ଲୋକମାନେ ସୁବିଧାରେ ସରକାରଙ୍କ ପକ୍ଷରୁ ମିଳୁଥିବା ସମସ୍ତ ମୌଳିକ ସୁବିଧା ପାଇପାରିବେ। ଏହି ପତ୍ର ପ୍ରଦାନ ବେଳେ ଆନନ୍ଦ ଚନ୍ଦ୍ର ସାହୁ, ସୌଭାଗ୍ୟ ନାୟକ, ଜ୍ଞାନରଞ୍ଜନ ନାୟକ, ସୌଭାଗ୍ୟ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହୁତୁହୁତୁ ଜଳୁଛି ରାଜପଥ ନିକଟ ଜଙ୍ଗଲ



ରାସ୍ତାପାର୍ଶ୍ୱ ଜଙ୍ଗଲରେ ନିଆଁ ଲାଗିଛି।

ଖମାର, ୧୭।୩ (ରଜନୀକାନ୍ତ ମହାରଣା)

ରାଜପଥକୁ ଘାରିଛି ବନାଗ୍ନି ଭୟ। ଦିନେ କି ଦୁଇ ଦିନ ନୁହେଁ, ପ୍ରତ୍ୟେକ ଦିନ ରାଜପଥ କଡ଼ରେ ଜଳୁଛି ଜଙ୍ଗଲ। ଯାହାର ନିଆଁ ଏତେ ପ୍ରଖର ଯେ ବେଳେବେଳେ ତା' ଧୂଆଁରେ ରାଜପଥ ମଧ୍ୟ ଅଦୃଶ୍ୟ ହୋଇଯାଉଥିବା ଦେଖିବାକୁ ମିଳିଛି। ଏମିତି ଘଟଣା ଦେଖିବାକୁ ମିଳୁଛି ଖମାର ପାଲଲହଡା ଦେଇ ଯାଇଥିବା ଜାତୀୟ ରାଜପଥ ୧୪୯ ଉପରେ।

ସୂଚନା ମୁତାବକ ୧୪୯ ନଂ. ଜାତୀୟ ରାଜପଥ ସମ୍ପୂର୍ଣ୍ଣ ଜଙ୍ଗଲ ମଧ୍ୟ ଦେଇ ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ବର୍ତ୍ତମାନ ସମୟରେ ବନାଗ୍ନିର ପ୍ରକୋପ ଏତେ ଭୟଙ୍କର ହୋଇଛି ଯେ ପ୍ରତ୍ୟେକ ଦିନ ନିଆଁ ଜଳିଜଳି ଆସି ରାଜପଥ ଉପରେ ପହଞ୍ଚୁଛି। ଗାଡ଼ି ଚାଳକଙ୍କୁ ଅତ୍ୟନ୍ତ ଭୟଭୀତ କରୁଛି। କାରଣ କେଉଁ ମୁହୂର୍ତ୍ତରେ ଯେ, ଗତିଶୀଳ ଗାଡ଼ିଗୁଡ଼ିକ ବନାଗ୍ନିର ଶିକାର ହେବେ ତାହା ମଧ୍ୟ କହିହେବ ନାହିଁ। ଗତ ୪ ଦିନ ଆଗରୁ ଜଙ୍ଗଲ ମଧ୍ୟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ପିତୁ ବୋଝେଇ ଟ୍ୟାଙ୍କର ଜଳିବା ଫଳରେ ଚାଳକ ମଧ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ, ତା' ପଛରେ ମଧ୍ୟ ଏହି ଜଙ୍ଗଲ ନିଆଁ ଏକ ପ୍ରମୁଖ କାରଣ ବୋଲି ଅନୁମାନ କରାଯାଉଛି। ତେବେ ଏ ନେଇ ପାଲଲହଡା ରେଞ୍ଜର ଶିଶିର କୁମାର ଦଲେଇ ସେମିତି କିଛି ହୋଇ ନ ଥିବା କହିବା ସହିତ ଜଳୁଥିବା ବନାଗ୍ନିକୁ ଲିଭାଇବାକୁ ତୁରନ୍ତ କର୍ମଚାରୀଙ୍କୁ ପଠାଯିବ ବୋଲି କହିଛନ୍ତି।

# ଟେଷ୍ଟମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଜବତ

କଣିହାଁ, ୧୭।୩ (ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ଅନ୍ତର୍ଗତ ଗଦଶିଳା ଗ୍ରାମର ଏକ ଭଡ଼ାଘରୁ ସୁଶାନ୍ତ ମାଝୀ (୪୨) ନାମକ ଜଣେ ଟେଷ୍ଟ ମିସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସୁଶାନ୍ତଙ୍କ ଘର ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଜିଅନ୍ତାପାଲି ଗ୍ରାମରେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ସହିତ ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ଟେଷ୍ଟ ମିସ୍ତ୍ରୀ ଭାବରେ କାମ କରୁଥିବା ସୁଶାନ୍ତ ଗଦଶିଳା ଗ୍ରାମରେ ପରିବାର ସହ ଭଡ଼ାରେ ରହୁଥିଲେ। ସୋମବାର ଅପରାହ୍ନ ପ୍ରାୟ ୩ଟା ସମୟରେ ସୁଶାନ୍ତ ମଦ୍ୟପାନ କରି ଘରକୁ ଆସିଥିଲେ। ନିଶାରେ ସ୍ତ୍ରୀ ସହିତ ପାଟିତୁଣ୍ଡ କରି ପରେ ଘର ଭିତରେ କବାଟ ବନ୍ଦ କରିଦେଇଥିଲେ। ତାଙ୍କୁ ଯେତେ ଡାକିଲେ ମଧ୍ୟ ସେ ନ ଶୁଣିବାରୁ ଘରର ସ୍କାଏ ଲାଇଟ୍‌ରେ ସୁଶାନ୍ତ ବେକରେ ଗାମୁଛା ବାନ୍ଧି ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇ ସ୍ତ୍ରୀ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘରର କବାଟ ଭାଙ୍ଗି ତାଙ୍କ ମୃତଦେହ ଜବତ କରିଥିଲା।

# କେଞ୍ଝୁଡ଼ି-କଦଳୀପାଳ ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ



ପରଜଙ୍ଗ, ୧୭।୩ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କେଞ୍ଝୁଡ଼ି-କଦଳିପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ନିୟୋଜିତ ଠିକାସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବହୁ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଉକ୍ତ ୮ କି.ମି. ବିଶିଷ୍ଟ ରାସ୍ତା ମହୁଲଡଗର, ରଘୁଆବୋଲ, ଡଙ୍କାବୋଲ, ଭେରୁଣିଆ, କିଆପାତାନୀ ଆଦି ଗ୍ରାମର ଲୋକେ ଉପକୃତ ହୋଇପାରିବେ। ଦୀର୍ଘ ବର୍ଷ ହେବ ରାସ୍ତା ନିର୍ମାଣ ପାଇଁ ଲୋକେ ଦାବି କରି ଆସୁଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ କ୍ରମେ ରାସ୍ତା ନିର୍ମାଣ ହେଉଛି। ମାତ୍ର ସମ୍ପୃକ୍ତ ରାସ୍ତାକାମ କରୁଥିବା ନିୟୋଜିତ ଠିକାସଂସ୍ଥା ନିମ୍ନମାନର କରୁଥିବା ଗ୍ରାମବାସୀ ଦୃଷ୍ଟିଗୋଚର କରିଛନ୍ତି। ରାସ୍ତାରୁ ଛେଲାଛେଲା ପିଚୁର ଆସ୍ତରଣ ଉଠି ପଡୁଛି। ଠିକ୍ ଭାବେ କରାଯାଉ ନ ଥିବାରୁ ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଠିକାସଂସ୍ଥା କିମ୍ବା ବିଭାଗୀୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ସ୍ଥାୟୀ ସମାଧାନ କରାନଗଲେ ଆନ୍ଦୋଳନ ଜାରି ରହିବ ବୋଲି ରଘୁଆବୋଲ ଗ୍ରାମର ଯୁବତୀ ପୂର୍ତ୍ତୀ, ବିଜୟ ପୂର୍ତ୍ତୀ, ଗଙ୍ଗାଧର ପୂର୍ତ୍ତୀ ସମେତ ବହୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଗ୍ରାମର ଶତାଧିକ ମହିଳା ପୁରୁଷ ରାସ୍ତା ଉପରେ ବସି ପ୍ରତିବାଦ କରିଛନ୍ତି।

# ଏସ୍‌ସିବି ଅଘଟଣ: ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଏସ୍‌ୟୁସିଆଇ

ଅନୁଗୋଳ,୧୭।୩(ଦିବ୍ୟଶାନ୍ତନୁ ନାଥ)

କଟକ ଏସ୍‌ସିବି ମେଡିକାଲ କଲେଜ ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣାକୁ ନେଇ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ଏ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ସାଙ୍ଗକୁ କ୍ରମାଗତ ସରକାରୀ ଅବହେଳା, ପ୍ରାୟ ୬୦ ଭାଗ ପଦବୀ ଖାଲି ପଡ଼ିବା ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଠିକା ଓ ଆଉଟ୍‌ସୋର୍ସିଂ ନିଯୁକ୍ତି ପାଇଁ ସରକାର ହିଁ ମୁଖ୍ୟତଃ ଦାୟୀ। ଏକ ପ୍ରେସ ବିବୃତି ମାଧ୍ୟମରେ ଏସୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଜଣାଇଛନ୍ତି କି, ଖୋଦ ରାଜ୍ୟର ସବୁଠାରୁ ବଡ଼ ସରକାରୀ ଡାକ୍ତରଖାନା ଏସ୍‌ସିବି ମେଡିକାଲ କଲେଜରେ ବିଦ୍ୟୁତ୍ ସର୍ଟ୍‌ସର୍କିଟରୁ ଅଗ୍ନିକାଣ୍ଡ ପୂର୍ବରୁ ବହୁବାର ଘଟିଥିବା ବେଳେ ଏହାକୁ ରୋକିବାର କୌଣସି ସ୍ଥାୟୀ ପ୍ରତିକାର ନ ହେବା ଫଳରେ ଆଜି ଏହିଭଳି ଭୟଙ୍କର ଅଗ୍ନିକାଣ୍ଡ ଘଟି ଏତେଗୁଡ଼ିଏ ଜୀବନ ହାନୀ ଘଟିଲା, ଯାହା ଅତ୍ୟନ୍ତ ହୃଦୟ ବିଦାରକ। ଏହି ପରିସ୍ଥିତିରେ ପାର୍ଟି ପକ୍ଷରୁ ଏତାଦୃଶ ଅଭାବନୀୟ ଘଟଣାର ତୀବ୍ର ନିନ୍ଦା କରାଯିବା ସଙ୍ଗେ ସଙ୍ଗେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦଣ୍ଡ ବିଧାନ କରିବା, ମୃତକଙ୍କ ପରିବାରକୁ ଏକ କୋଟି କ୍ଷତିପୂରଣ ଦେବା, ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସହ ୫୦ ଲକ୍ଷ କ୍ଷତିପୂରଣ ଦାବି କରାଯାଇଛି। ଏହା ସାଙ୍ଗକୁ ରାଜ୍ୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପର୍ଯ୍ୟାପ୍ତ ବ୍ୟୟବରାଦ କରିବା ସହିତ ଆନୁଷଙ୍ଗିକ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲା କମିଟି ସଦସ୍ୟ ନବକିଶୋର ପ୍ରଧାନ, ଜୟସେନ ମେହେର, ପ୍ରହ୍ଲାଦ ସାହୁ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ମନ୍ଦୋଦରୀ ରାଉଳ, ରଣଜିତ ପ୍ରଧାନ, ମାନସୀ ସ୍ୱାଇଁ, ସରୋଜିନୀ ନାୟକ, କୈଳାସ ସାହୁ, ପରମାନନ୍ଦ ସାହୁ, ସଞ୍ଜୟ ସାହୁ, ଟୁନା ନାଏକ, ଚିତ୍ତରଞ୍ଜନ ମେଣ୍ଡୁଲି ପ୍ରମୁଖ ଦାବି କରିଛନ୍ତି।

# ବାଟୁଳି ମାଡ଼ରେ ଯୁବକ ଗୁରୁତର

ଛେଣ୍ଡିପଦା,୧୭।୩(ଅଜିତ୍ ଧଳ)

ସାମାନ୍ୟ ବଚସାକୁ ନେଇ ଯୁବକଙ୍କୁ ବାଟୁଳି ମାଡ଼, ଫଳରେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ଘଡ଼ ଗ୍ରାମରେ। ସୂଚନା ଅନୁଯାୟୀ, ଘଡ ଗ୍ରାମର ରଞ୍ଜିତ ପେଣ୍ଟଇ ଏବଂ ସୁନୀଲ ପେଣ୍ଟଇଙ୍କ ମଧ୍ୟରେ ଗାଁ କୋଠଘରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁନୀଲ ଘରୁ ଏକ ବାଟୁଳି ଆଣି ରଞ୍ଜିତଙ୍କୁ ମାରିଥିଲେ। ବାଟୁଳି ରଞ୍ଜିତଙ୍କ ମୁଣ୍ଡରେ ବାଜି ଗୁରୁତର ଆହତ ହୋଇ ତଳେ ପଡ଼ି ଯାଇଥିଲେ। ପରେ ସୁନୀଲ ରଞ୍ଜିତଙ୍କୁ ନିସ୍ଫୁକ ମାଡ଼ମାରି ଫେରାର ହୋଇଯାଇଥିଲେ। ଖବର ପାଇ ବାଗଡିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ରଞ୍ଜିତଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥଲା। ଏନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବାବେଳେ ସୁନୀଲ ଫେରାର ଅଛନ୍ତି।

# ଗଣିତ ବିଜ୍ଞାନର ବର୍ତ୍ତମାନର ସ୍ଥିତି ଓ ପ୍ରୟୋଗ ସମ୍ପର୍କିତ ଆଲୋଚନାଚକ୍ର




ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

ଅନୁଗୋଳ,୧୭।୩ (ଦିବ୍ୟଶାନ୍ତନୁ ନାଥ)

ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳର ସ୍ନାତକୋତ୍ତର ଗଣିତ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗଣିତ ବିଜ୍ଞାନର ବର୍ତ୍ତମାନର ସ୍ଥିତି ଓ ପ୍ରୟୋଗ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଆଲୋଚନାଚକ୍ରର ଉପଦେଷ୍ଟା ପ୍ରଫେସର ଡ. ବସନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱରର ଗଣିତ ବିଭାଗର ମୁଖ୍ୟ ଡ. ସରୋଜକାନ୍ତ ପ୍ରଧାନଙ୍କୁ ଡ. ସାହୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସ୍ନାତକୋତ୍ତର ଗଣିତ ବିଭାଗର ମୁଖ୍ୟା ଡ. ସ୍ମିତା ତପସ୍ୱିନୀ ଆଲୋଚନାଚକ୍ରରେ ସ୍ୱାଗତ ସମ୍ଭାଷଣ ରଖିବା ସହିତ ଆଲୋଚନାଚକ୍ରର ଉପକ୍ରମ ଓ ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର ଗଣିତ ବିଭାଗର ମୁଖ୍ୟ ଡ. ସରୋଜକାନ୍ତ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବର୍ତ୍ତମାନ ପରିପ୍ରେକ୍ଷୀରେ ଗଣିତ ବିଜ୍ଞାନ ଶିକ୍ଷାର ପ୍ରୟୋଗାତ୍ମକ ଦିଗ ଉପରେ ସାରଗର୍ଭକ ଉପସ୍ଥାପନ କରିଥିଲେ। ସ୍ନାତକୋତ୍ତର ଗଣିତ ବିଭାଗର ମୁଖ୍ୟା ଡ. ସ୍ମିତା ତପସ୍ୱିନୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆଲୋଚନଚକ୍ରର ଉପଦେଷ୍ଟା ପ୍ରଫେସର ସାହୁଙ୍କୁ ଉତ୍ତରୀୟ ଓ ଉପଢୌକନ ଦିଆଯାଇ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସ୍ନାତକୋତ୍ତର ଗଣିତ ବିଭାଗର ସହକାରୀ ପ୍ରଫେସର ନିବେଦିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରକୁ ଗଣିତ ବିଭାଗର ସହକାରୀ ପ୍ରଫେସର ଡ. ପ୍ରଭାସ ଜେନା ଓ ଡ. ଦୁଷ୍ମନ୍ତ ମଲ୍ଲିକ ପରିଚାଳନା କରିଥିଲେ।

# ଡିଲରଙ୍କ ମନମାନି ଉପରେ କାର୍ଯ୍ୟାନୁଷ୍ଠାନ ଦାବି

## ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ସ୍ମାରକପତ୍ର

ଅନୁଗୋଳ, ୧୭।୩ (ଜ୍ୟୋତିରଞ୍ଜନ ସାହୁ)



କଂଗ୍ରେସ କର୍ମକର୍ତ୍ତାମାନେ ବିକ୍ଷୋଭ କରୁଛନ୍ତି।

ଏଲ୍‌ପିଜି ଗ୍ୟାସର ଅଭାବ ଓ ଦରବୃଦ୍ଧିକୁ ନେଇ ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଜୋରଦାର ପ୍ରତିବାଦ କରାଯାଇ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସ୍ଥାନୀୟ କଂଗ୍ରେସ ଭବନରୁ ବାଇକ୍ ରାଲି କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରତିବାଦକାରୀମାନେ କେନ୍ଦ୍ର ସରକାରଙ୍କ ନୀତିକୁ ଦାୟୀ କରି ଅଭିଯୋଗ କରିଥିଲେ ଯେ, ମଧ୍ୟପ୍ରାଚ୍ୟର ଯୁଦ୍ଧକୁ ଆଢ଼କଥା କରି ଦେଶରେ କୃତ୍ରିମ ଭାବେ ଗ୍ୟାସ ଅଭାବ ସୃଷ୍ଟି କରାଯାଉଛି। ଏପରିକି ଡିଲରମାନେ ଅଭାବୀ ପରିସ୍ଥିତିର ସୁଯୋଗ ନେଇ ଗ୍ରାହକଙ୍କୁ ହଇରାଣ କରୁଥିବା ଓ ଅଧିକ ଲାଭ କମାଉଥିବା ଅଭିଯୋଗ ଉଠିଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଘରୋଇ ଗ୍ୟାସ ଟାଙ୍କି ପିଛା ୬୦ ଟଙ୍କା ଓ ବାଣିଜ୍ୟିକ ଟାଙ୍କି ପିଛା ୧୨୦ ଟଙ୍କା ଦର ବୃଦ୍ଧି ହେବାରୁ ସାଧାରଣ ଲୋକଙ୍କ ଉପରେ ଅତିରିକ୍ତ ଭାର ପଡ଼ିଛି। ଏହାସହ ଆବଶ୍ୟକ ହେଉଥିବା ଗ୍ୟାସ ଟାଙ୍କି ଉପଯୁକ୍ତ ସମୟରେ ମିଳୁ ନ ଥିବାରୁ ଗ୍ରାହକମାନେ ଅସୁବିଧା ଭୋଗୁଛନ୍ତି। ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଡିଲରମାନଙ୍କର ମନମାନି ବଢ଼ିଚାଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଜିଲାରେ ଗ୍ୟାସର ମହଜୁଦ ଓ ଆବଶ୍ୟକତା ବିଷୟରେ ସ୍ପଷ୍ଟ ସୂଚନା ମିଳୁ ନ ଥିବାରୁ ପରିସ୍ଥିତି ଆହୁରି ଜଟିଳ ହେଉଛି। ଡିଲରମାନଙ୍କୁ ଷ୍ଟକ ଓ ଦର ତାଲିକା ଦୋକାନ ଆଗରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେବା ସହ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ସ୍ମାରକପତ୍ରକୁ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଗ୍ରହଣ କରିଥିଲେ। ପ୍ରତିବାଦରେ ଜିଲାର ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇଥିଲେ।

